# ଏ ସୁଯୋଗ ହାତଛଡ଼ା କରନ୍ତୁ ନାହିଁ

୦୯/୦୩/୨୦୦୯

ଗତ ସପ୍ତାହରେ ଓଡ଼ିଶାର ମୌଳିକ ପ୍ରସଙ୍ଗ ଉପରେ ରାଜନୈତିକ ଦଳ ଓ ନେତାମାନଙ୍କ ମଧ୍ୟରେ ସର୍ବନିମ୍ନ ସହମତିର ଅଭାବ ଥିବା କଥା ଉଲ୍ଲେଖ କରିଥିଲୁ । ନିଜ ନିଜର ରାଜନୈତିକ ସ୍ୱାର୍ଥ ଉପରକୁ ଯାଇ ଓଡ଼ିଶାର ଅବହେଳାକୁ ବରଦାସ୍ତ ନ କରି ସାଲିସ୍‌ବିହୀନ ସଂଗ୍ରାମ କରିବାପାଇଁ ପ୍ରସ୍ତାବ ଦେଇଥିଲୁ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଆସନ୍ତା ୧୨ ତାରିଖରେ 'ଓଡ଼ିଶା ବନ୍ଦ'ର ଡାକରା ଦିଆଯାଇଛି । ରାଜ୍ୟର ମହାବାତ୍ୟା, ଭୟାବହ ମରୁଡ଼ି, ରେଳ ବିକାଶ ଓ କୃଷକ ସ୍ୱାର୍ଥ ପ୍ରତି କେନ୍ଦ୍ର ସରକାରଙ୍କର ଚରମ ଅବହେଳା ଓ ଅବିଚାର ପ୍ରତିବାଦରେ ଓଡ଼ିଶାର ସ୍ୱାଭିମାନ ଓ ସ୍ୱାର୍ଥର ସୁରକ୍ଷାପାଇଁ ବନ୍ଦ ଡାକରାକୁ ସଫଳ କରିବା ନିମନ୍ତେ ନିବେଦନ କରାଯାଇଛି । ସ୍ୱାଭାବିକ ଭାବରେ ଗୋଟିଏ ଦୁଇଟି କଥା ମନକୁ ଆସୁଛି ।

ବନ୍ଦ ଡାକରା କାହିଁକି ଦିଆଯାଏ ? ଆମ ବିଚାରରେ କୌଣସି ସମସ୍ୟା ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବାପାଇଁ ଏବଂ ତା'ପଛରେ ଥିବା ଆବେଗ ଓ ସମର୍ଥନର୍ ପ୍ରମାଣ ଦେବାପାଇଁ ବନ୍ଦ ଡାକରା ଦିଆଯାଇଥାଏ । ସ୍ୱାଧୀନତା ସଂଗ୍ରାମ ସମୟରୁ ମହାତ୍ମା ଗାନ୍ଧିଙ୍କର ଆଦର୍ଶରେ ଅନୁପ୍ରାଣୀତ କଂଗ୍ରେସ ଦଳ ସତ୍ୟାଗ୍ରହକୁ ଏକ ପ୍ରଭାବଶାଳୀ କୌଶଳ ହିସାବରେ ବ୍ୟବହାର କରି ଆସିଅଛି । ଆଜି କିନ୍ତୁ ବନ୍ଦ ଡାକରା ସତ୍ୟାଗ୍ରହର ଆଧୁନିକ ରୂପ ହୋଇ ଆଉ ରହିନାହିଁ । ଅତି ଛୋଟ ଛୋଟ କଥାକୁ ନେଇ ବନ୍ଦ ଡାକରା ଦେବା ଆଜିକାଲି ରାଜନୈତିକ ଦଳ ଏବଂ ବହୁ ଅନୁଷ୍ଠାନର ଏକ ଅଭ୍ୟାସ ବା ଫେସନ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । ଦୋକାନବଜାର ବନ୍ଦ ହୋଇଗଲେ, ରାସ୍ତାଘାଟରେ ଯାନବାହନ ଚଳାଚଳ ଅଟକିଗଲେ କିମ୍ବା ସ୍କୁଲ୍, କଲେଜ ଓ ସରକାରୀ ଅନୁଷ୍ଠାନମାନଙ୍କରେ ଉପସ୍ଥାନ କମିଗଲେ ବନ୍ଦ ଡାକରାକାରୀମାନେ

## ଆମ ଘରର ହାଲ୍‌ଚାଲ୍

### ସୌମ୍ୟରଂଜନ ପଟ୍ଟନାୟକ

ସଫଳତା ଦାବି କରନ୍ତି । ଅନ୍ୟପକ୍ଷରେ ତାଙ୍କ ବିରୋଧୀମାନେ ବନ୍ଦ ପଛରେ ପୂର୍ଣ୍ଣ ସମର୍ଥନ ନାହିଁ ବୋଲି ଓଲଟା ଯୁକ୍ତି ବାଢ଼ନ୍ତି । ମୁଷ୍ଟିମେୟ ଯୁବ କର୍ମୀଙ୍କୁ ଧରି ଆଜିକାଲି ଯେ କେହି ସାମୟିକ ଭାବରେ ଦୋକାନବଜାର ବନ୍ଦ କରିଦେଇପାରୁଛି । ଗୋଟିଏ ଦୁଇଟି ଟ୍ରକ୍ ବା ବସ୍‌ର କାଚ ଭାଙ୍ଗିଯିବାର ଖବର ପ୍ରଚାରିତ ହେଲେ ଅନେକ ରାସ୍ତା ଉପରକୁ ଯିବାପାଇଁ କିଛିଘଣ୍ଟା ପାଇଁ ନିରାପଦ ମଣନ୍ତି ନାହିଁ । ଏହାକୁ ନେଇ ସଫଳତାର ଡିଣ୍ଡିମ ପିଟିବାରେ କିଛି ମାନେ ହୁଏନାହିଁ । ତେଣୁ ଆମ ବିଚାରରେ ସାଧାରଣ ଜନତାଙ୍କର ଆବେଗ ଓ ସମର୍ଥନକୁ ନେଇ ମୌଳିକ ସମସ୍ୟା ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାପାଇଁ ବିକଳ୍ପ କୌଶଳ ଓ ଅଧିକ ଆନ୍ତରିକତାପୂର୍ଣ୍ଣ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । କଂଗ୍ରେସ ଦଳ ଯେଉଁ ବନ୍ଦ ଡାକରା ଦେଇଛନ୍ତି, ତା'ର ସ୍ୱରୂପର ପୁନର୍ବିଚାର କରନ୍ତୁ । ଅନ୍ୟ ଦଳମାନଙ୍କୁ ସାଙ୍ଗରେ ନେଇ କେନ୍ଦ୍ର ସରକାର୍‌ଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ଏକ ଆଧୁନିକ ସତ୍ୟାଗ୍ରହର କଳ୍ପନା କରନ୍ତୁ । କ୍ଷମତାସୀନ ବିଜେଡି ଓ ବିଜେପି ଦଳ ସମେତ ଅନ୍ୟ ସବୁ ଦଳ ତ କେନ୍ଦ୍ରର ଅବହେଳା ପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି । ୧୨ ତାରିଖର କାର୍ଯ୍ୟକ୍ରମରେ ସାମିଲ୍ ହୋଇ ନିଜର ମାଟିପ୍ରୀତିର ପରିଚୟ ଦିଅନ୍ତୁ । ଏହାକୁ ଏକ ନିର୍ଦ୍ଦିଷ୍ଟ ଦଳର କାର୍ଯ୍ୟକ୍ରମ ବୋଲି ଅଭିହିତ କରି କାର୍ଯ୍ୟକ୍ରମର ସଫଳତାକୁ କେବଳ କଂଗ୍ରେସକୁ ଭୋଗ କରିବାପାଇଁ ଛାଡ଼ନ୍ତୁ ନାହିଁ ।

ଏ ସମ୍ପର୍କରେ ଆମର ବିନମ୍ର ପ୍ରସ୍ତାବ ହେଲା- ବନ୍ଦ ଡାକରା ବଦଳରେ ସେହି ୧୨ ତାରିଖ ଦିନ ପ୍ରତ୍ୟେକ ବ୍ଲକ୍, ଜିଲ୍ଲା ଓ ରାଜଧାନୀ ସହରର ମୁଖ୍ୟସ୍ଥଳରେ ଏବଂ ନିଜ ନିଜ ଅଞ୍ଚଳରେ ସବୁ ରାଜନୈତିକ ଦଳର ନେତାମାନେ ଏକଜୁଟ ହୋଇ ଧାରଣା, ମୌନବ୍ରତ କିମ୍ବା ଅନଶନ ଧର୍ମଘଟ ଆଦି କାର୍ଯ୍ୟକ୍ରମ ହାତକୁ ନେଇ ଅଟଳଙ୍କର ମନକୁ ତରଳେଇବାପାଇଁ ଭାବାବେଗ ସୃଷ୍ଟି କରନ୍ତୁ ଏବଂ ସେ ବୁଝିବାପାଇଁ ବାଧ୍ୟ ହୁଅନ୍ତୁ ଯେ, ଓଡ଼ିଶାକୁ ଆଉ ଉପେକ୍ଷା କଲେ ତାଙ୍କୁ ଟଳେଇବା ପାଇଁ ବେଶି ସମୟ ଲାଗିବ ନାହିଁ ।